# NATIONAL NEWS BULLETIN (ODIA)

**12 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବୋତସ୍ୱାନା ରାଷ୍ଟ୍ରପତି ଡୁମା ବୋକାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଭୁଟାନ ଗସ୍ତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଭାରତ ସହଯୋଗରେ ନିର୍ମିତ ପ୍ରକଳ୍ପର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ବିହାର ବିଧାନସଭା ନିର୍ବାଚନରେ ଚଳିତଥର ରେକର୍ଡସଂଖ୍ୟକ ମତଦାନ ହୋଇଛି, କହିଲେ ନିର୍ବାଚନ ଆୟୋଗ

- ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଭାରତ-କ୍ୟୁବା ମଧ୍ୟରେ ସ୍ୱାକ୍ଷରିତ ହେଲା ବୁଝାମଣାପତ୍ର

ଏବଂ

- ଶିଶୁଙ୍କୁ ନିମୋନିଆରୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଆଲୋକପାତ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ପ୍ରେଜ୍-ବୋତସ୍ୱାନା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବୋତ୍‌ସୁଆନା ପ୍ରତିପକ୍ଷ ଡୁମା ବୋକାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଗାବରୋନ୍‌ରେ ଏହି ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା

ହୋଇଛି । ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ସହଯୋଗ ପାଇଁ ଉଭୟ ଦେଶ ମଧ୍ୟରେ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ପ୍ରୋଜକ୍ଟ ଚିତା ଅଧୀନରେ ବୋତ୍ସୁଆନା' ଭାରତକୁ ୮ଟି ଚିତାବାଘ ଉପହାର ଦେବ । ରାଷ୍ଟ୍ରପତି ମୁର୍ମୁ ତାଙ୍କର ଆଙ୍ଗୋଲା ଗସ୍ତ ଶେଷ କରି ଗତ ସନ୍ଧ୍ୟାରେ ବୋତସୁଆନାରା ରାଜଧାନୀରେ ପହଞ୍ଚିଥିଲେ । ସେଠାରେ ବୋତ୍ସୁଆନା ରାଷ୍ଟ୍ରପତି  ତାଙ୍କୁ ସ୍ୱାଗତ କରିବା ସହ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ସେଠାକାର ସଂସଦକୁ ସମ୍ବୋଧନ କରିବା ସହ ଭାରତୀୟ ସଂପ୍ରଦାୟଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ବୋତସୁଆନାରେ ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା କେତେକ ସ୍ଥାନ ରାଷ୍ଟ୍ରପତି ପରିଦର୍ଶନ କରିବେ । ଦୁଇ ଆଫ୍ରିକୀୟ ରାଷ୍ଟ୍ର ଆଙ୍ଗୋଲା ଏବଂ ବୋତ୍ସୁଆନାକୁ କୌଣସି ଭାରତୀୟ ରାଷ୍ଟ୍ରମୁଖ୍ୟଙ୍କର ଏହା ପ୍ରଥମ ଗସ୍ତ ।

---

## ପିଏମ୍-ଭୁଟାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁଟାନ ରାଜା ଜିଗ୍‌ମେ ଖେସର ନାମ୍‌ଗେନ୍ ଓ୍ୱାଙ୍ଗଚୁକ୍‌ଙ୍କ ନିମନ୍ତ୍ରଣକ୍ରମେ ଦୁଇଦିନିଆ ଭୁଟାନ ଗସ୍ତ କରିଛନ୍ତି । ଥିମ୍ପୁଠାରେ ପ୍ରଧାନମନ୍ତ୍ରୀ ମୋଦୀ  ଭୁଟାନର ଚତୁର୍ଥ ରାଜା ଜିଗ୍‌ମେ ସିଙ୍ଗେ ଓ୍ୱାଙ୍ଗଚୁକ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ଏବଂ ପାରସ୍ପରିକ ସ୍ୱାର୍ଥ ଆଧାରିତ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରିଛନ୍ତି । ଥିମ୍ପୁଠାରେ ଚାଲିଥିବା ବିଶ୍ୱଶାନ୍ତି ପ୍ରାର୍ଥନା ମହୋତ୍ସବର ଅଂଶ ସ୍ୱରୂପ ଚାଙ୍ଗଲି ମିଥାଙ୍ଗ ଷ୍ଟାଡିୟମରେ କାଳଚକ୍ର ଦୀକ୍ଷା ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗ ଦେଇଥିଲେ ।

ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତକାଲି ଭୁଟାନର ଚତୁର୍ଥ ଡରୁକ୍ ଗ୍ୟାଲ୍‌ପୋ ଜିଗ୍‌ମେ ସିଙ୍ଗେ ଓ୍ୱାଙ୍ଗଚୁକ୍‌ଙ୍କ ୭୦ତମ ଜନ୍ମବାର୍ଷିକୀ ପଳନ ସମାରୋହରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଭୁଟାନର ତ୍ରୟୋଦଶ ପଞ୍ଚବାର୍ଷିକ ଯୋଜନାକୁ ଭାରତ ସମର୍ଥନ ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ଭୁଟାନର ଶକ୍ତି ପ୍ରକଳ୍ପ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବା ଲକ୍ଷ୍ୟରେ ଶ୍ରୀ ମୋଦୀ ଏହି ଅବସରରେ ୪ ହଜାର କୋଟି ଟଙ୍କାର ରିହାତି ମୂଳକ ଲାଇନ୍ ଅଫ୍ କ୍ରେଡିଟ୍ ଭାରତ ପକ୍ଷରୁ ଘୋଷଣା କରିଛନ୍ତି ।

୧୨୦୦ ମେଗାଓ୍ୱାଟ୍ ପୁନତ୍‌ସାଞ୍ଚୁ ପ୍ରଥମ ଜଳସେଚନ ପ୍ରକଳ୍ପର ମୁଖ୍ୟ ନଦୀ ବନ୍ଧ ଗଠନ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ଉଭୟ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଭୁଟାନ ରାଜାଙ୍କ ସହ ମିଳିତ ଭାବେ ଶ୍ରୀ ମୋଦୀ ୧ ହଜାର ୨୦ ମେଗାଓ୍ୱାଟ୍ କ୍ଷମତା ବିଶିଷ୍ଟ ପୁନତ୍‌ସାଞ୍ଚୁ ଦ୍ୱିତୀୟ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ଭାରତ ସହଯୋଗରେ ଭୁଟାନ୍‌ରେ ଏ ପର୍ଯ୍ୟନ୍ତ ୫ଟି ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି ।

**V/O (PM)**

ଦକ୍ଷିଣ ଭୁଟାନ୍‌ର ଗେଲେଫୁ ମାଇଣ୍ଡଫୁଲ୍‌ନେସ୍ ସହର ଅନ୍ତର୍ଗତ ହାଟିସର୍ ଠାରେ ଏକ ଇମିଗ୍ରେସନ୍ ଚେକ୍‌ପୋଷ୍ଟ ପ୍ରତିଷ୍ଠା କରିବାକୁ ଉଭୟପକ୍ଷ ସହମତ ହୋଇଛନ୍ତି । ସୀମାପାର୍ ପର୍ଯ୍ୟଟନ ଏବଂ ନିବେଶକଙ୍କ ପାଇଁ ଏହା ଉପଯୋଗୀ ସାବ୍ୟସ୍ତ ହେବ । ଆସାମ୍‌ର କୋକରାଝର୍‌ରୁ ଗେଲେଫୁ ମାଇଣ୍ଡଫୁଲ୍‌ନେସ୍ ସହର ପର୍ଯ୍ୟନ୍ତ ରେଳ ସଂଯୋଗୀକରଣ ପ୍ରକଳ୍ପକୁ ଖୁବ୍ ଶୀଘ୍ର ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ଭୁଟାନ୍’ ଭାରତର ବିଶାଳ ବଜାରର ସୁବିଧା ପାଇବ ।

--------

# ନିର୍ବାଚନ

ବିହାର ବିଧାନସଭା ନିର୍ବାଚନରେ ଚଳିତଥର ରେକର୍ଡ ସଂଖ୍ୟକ ମତଦାତା ମତାଧିକାର ସାବ୍ୟସ୍ତ କରିଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର କହିଛନ୍ତି । ଗତକାଲି ଅନୁଷ୍ଠିତ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ୬୮ ଦଶମିକ୍ ୭/୬ ପ୍ରତିଶତ ମତଦାନ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୬୫ ଦଶମିକ୍ ଶୂନ୍ ୮ ପ୍ରତିଶତ ମତଦାନ ହୋଇଥିଲା । ଏହାକୁ ମିଶାଇ ଦୁଇଟି ଯାକ ପର୍ଯ୍ୟାୟରେ ହାରାହାରି ୬୬ ଦଶମିକ୍ ୯/୧ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

୧୯୫୧ ମସିହା ପରଠାରୁ ତୁଳନାତ୍ମକ ଭାବରେ ଦେଖିଲେ ଚଳିତ ଥର ରାଜ୍ୟରେ ସର୍ବାଧିକ ମତଦାନ ହୋଇଛି ବୋଲି ଶ୍ରୀ କୁମାର କହିଛନ୍ତି ।

**V/O (EC)**

ବିହାରରେ ପ୍ରଥମ ପର୍ଯ୍ୟାୟରେ ଗତ ୬ ତାରିଖରେ ୧୮ଟି ଜିଲ୍ଲାର ୧୨୧ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଗତକାଲି ୨୦ଟି ଜିଲ୍ଲାର ୧୨୨ଟି ବିଧାନସଭା ମଣ୍ଡଳୀ ପାଇଁ ମତଦାନ ହୋଇଛି ।

୭ଟି ରାଜ୍ୟର ୮ଟି ବିଧାନସଭା ମଣ୍ଡଳୀରେ ଉପ-ନିର୍ବାଚନ ପାଇଁ ମଧ୍ୟ ଗତକାଲି ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ବିହାର ବିଧାନସଭା ଏବଂ ୮ଟି ଯାକ ଉପନିର୍ବାଚନର ଭୋଟ ଗଣତି ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବା ସହ ଫଳାଫଳ ଘୋଷଣା କରାଯିବ ।

---

# ନିର୍ମଳା-ମିଟ୍

ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ତୃତୀୟ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ଅଂଶୀଦାରମାନଙ୍କ ସହ ଏହି ବୈଠକରେ ଅର୍ଥମନ୍ତ୍ରୀ ମତ ବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଅର୍ଥମନ୍ତ୍ରଣାଳୟ କହିଛି, ଆସନ୍ତା ବଜେଟ୍ ପ୍ରସ୍ତୁତି ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି । ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ ବୋଲି ମନ୍ତ୍ରଣାଳୟ କହିଛନ୍ତି ।

---

# ଭାରତ-କ୍ୟୁବା ଏମ୍ଓୟୁ

ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତ ଓ କ୍ୟୁବା ମଧ୍ୟରେ ହବାନାଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ରରେ ଅପରାଧିକ ମାମଲାରେ ପାରସ୍ପରିକ ଆଇନ ସହାୟତା ଉପରେ ଏକ ଚୁକ୍ତି ଏବଂ ସାଂସ୍କୃତିକ ଆଦାନପ୍ରଦାନ ଓ ସହଯୋଗ ପାଇଁ ଆଚରଣ ବ୍ୟବସ୍ଥା ସାମିଲ ରହିଛି । କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରେଟା ଏବଂ କ୍ୟୁବାର କାର୍ଯ୍ୟନିର୍ବାହୀ ବୈଦେଶିକମନ୍ତ୍ରୀ ଗେରାଡୋ ପେନାଲଭର୍ଙ୍କ ମଧ୍ୟରେ ହୋଇଥିବା ଏକ ବୈଠକରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବୈଠକ ସମୟରେ ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଏବଂ କ୍ୟୁବାର କାର୍ଯ୍ୟନିର୍ବାହୀ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି

ସଂପର୍କରେ ସମୀକ୍ଷା ହେବା ସହ ସ୍ୱାର୍ଥ ଜଡ଼ିତ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଛି ।

ଶ୍ରୀ ଗେରାଡୋ ପେନଲଭର ସାଂପ୍ରତିକ ବର୍ଷ ଗୁଡ଼ିକରେ କ୍ୟୁବା ଦ୍ୱିପପୁଞ୍ଜରେ ହୋଇଥିବା ଘୂର୍ଣ୍ଣିବାତ୍ୟା ପରେ ଭାରତର ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି । ବିଶେଷକରି ଘୂର୍ଣ୍ଣିବାତ୍ୟା ମେଲିସା ପରେ ପୂର୍ବ କ୍ୟୁବାର କ୍ଷତିଗ୍ରସ୍ତ ସ୍ଥାନରେ ଭାରତର ୨୦ଟନ୍ ମାନବୀୟ ସହାୟତା ଏବଂ ଭ୍ରାମ୍ୟମାଣ ଚିକିତ୍ସା ସେବା ଯୋଗାଣ ଅନ୍ତର୍ଭୁକ୍ତ ।

---

## ଜେପି ନଡ୍ଡା-ନିମୋନିଆ ଡେ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଆଜି ବିଶ୍ୱ ନିମୋନିଆ ଦିବସ ଅବସରରେ ଶିଶୁମାନଙ୍କୁ ନିମୋନିଆରୁ  ସୁରକ୍ଷା ଦେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ସରକାର ସୁଦୃଢ଼ ସ୍ୱାସ୍ଥ୍ୟ ପ୍ରଣାଳୀ ଏବଂ ସାମୂହିକ ସଚେତନତା ମାଧ୍ୟମରେ ଶିଶୁଙ୍କଠାରେ ନିମୋନିଆକୁ ହ୍ରାସ କରିବା ପାଇଁ SAANS କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ମନ୍ତ୍ରୀ କହିଛନ୍ତି, **ନିମୋନିଆ ନେହି ତୋ ବଚ୍‌ପନ୍ ସହି** ଅଭିଯାନର ବାର୍ତ୍ତାକୁ ସଫଳ ଭାବେ କାର୍ଯ୍ୟାନ୍ୱୟନ କରିବାକୁ ହେଲେ ସମସ୍ତଙ୍କର ସହଯୋଗ ନିତାନ୍ତ ଜରୁରୀ ।

---

## କାନାଡା-ଜି-୭

କାନାଡାର ଅଣ୍ଟାରିଓଠାରେ ଜି-୭ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକ ଅବସରରେ ଆଜି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କର ତାଙ୍କ କାନାଡା ପ୍ରତିପକ୍ଷଙ୍କୁ ଭେଟିଛନ୍ତି । କାନାଡାର ବୈଦେଶିକମନ୍ତ୍ରୀ ଅନିତା ଆନନ୍ଦଙ୍କୁ ଜି-୭ ବୈଦେଶିକ ମନ୍ତ୍ରସ୍ତରୀୟ ବୈଠକ ଆୟୋଜନ ଏବଂ ଅଗ୍ରଗତି ନେଇ

ଅଭିନନ୍ଦନ ଜଣାଇଛନ୍ତି। ଭାରତ-କାନାଡା ଦ୍ୱିପାକ୍ଷିକ ସହଭାଗିତାକୁ ସୁଦୃଢ଼ କରିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱ ଦେଇଛନ୍ତି ।

ଏହି ସମ୍ମିଳନୀ ଅବସରରେ ଡକ୍ଟର ଜୟଶଙ୍କର ମେକ୍ସିକୋର ବୈଦେଶିକମନ୍ତ୍ରୀ ଡକ୍ଟର ଜୁଆନ୍ ରାମନ୍ ଡେ ଲା ଫୁଏଣ୍ଟେଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବ୍ୟବସାୟ, ବାଣିଜ୍ୟ, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମେକସିକୋ ସହ ସହଭାଗିତା ବୃଦ୍ଧି ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଡକ୍ଟର ଜୟଶଙ୍କର ମଧ ଫ୍ରାନ୍ସ ବୈଦେଶିକ ମନ୍ତ୍ରୀ ଜିନ୍ ନୋଏଲ୍ ବାରୋଟଙ୍କ ସହ ରଣନୈତିକ ସହଭାଗିତା ନେଇ ମତ ବିନିମୟ କରିଛନ୍ତି । ବ୍ରିଟେନର ବୈଦେଶିକ ସଚିବ ୟେଭେଟ୍ କୁପରଙ୍କୁ ସାକ୍ଷାତ କରି ଡକ୍ଟର ଜୟଶଙ୍କର ଭାରତ-ୟୁକେ ଭିଜନ-୨୦୩୫ ଦୃଷ୍ଟିକୋଣ ଆଧାରିତ ଆଲୋଚନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଜୟଶଙ୍କର, ବ୍ରାଜିଲ ପ୍ରତିପକ୍ଷ ମୋଉର ଭିରା, ଜର୍ମାନ ପ୍ରତିପକ୍ଷ ଜୋହାନେ ୱାଡେଫୁଲ ଏବଂ ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ରୋନାଲ୍ଡ ଲାମୋଲାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।

........................................................................